بسم الله الرحمٰن الرحيم

ଖୁତବା ଜୁମା ୨୭ ଡ଼ିସେମ୍ବର ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୈତୁଲ୍ ଫୁତୁହ୍ ଲଣ୍ଡନ(ବ୍ରିଟେନ୍)

**ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବ ହଜ଼ରତ୍ ସାଆଦ୍ ବିନ୍ ଅବାଦା ର.ଅଙ୍କ ପ୍ରଶଂସନୀୟ, ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଗତ ଖୁତବାରେ ହଜରତ୍ ସାଆଦ୍ ବିନ୍ ଅବାଦା ର.ଅଙ୍କ ଚର୍ଚ୍ଚା ଚାଲିଥିଲା ସୁତରାଂ ମୁଁ ଆଜି ତାଙ୍କ ସଂପର୍କରେ ଆଉକିଛି ତଥ୍ୟ ଚର୍ଚ୍ଚା କରିବି । ହଜ଼ରତ ସାଆଦ୍ ବିନ୍ ଅବାଦା ର.ଅ ବୈଅତେ ଅକ୍ବା ସାନିୟା ଅବସରରେ ୧୨ ଜଣ ଘୋଷକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଖଜ଼ରଜ ସଂପ୍ରଦାୟର ବନୁ ସାଆଦା ବଂଶୀୟ ଥିଲେ ଏବଂ ଖଜ଼ରଜ୍ ସଂପ୍ରଦାୟର ଉଦାର, ସମ୍ମାନିତ ତଥା ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଏବଂ ଆଁହଜ଼ରତ ସ.ଅଙ୍କ ପବିତ୍ର ଶାସନକାଳରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ଏପରିକି ଆଁହଜ଼ରତ ସ.ଅଙ୍କର ଅକାଳ ବିୟୋଗ ପରେ ଖିଲାଫତ୍ ନିମନ୍ତେ ତାଙ୍କ ନାମ ମଧ୍ୟ କେତେକ ଅନସାରମାନେ ଉପସ୍ଥାପିତ କରିଥିଲେ । ତାଙ୍କର ବିୟୋଗ ହଜ଼ରତ ଉମର୍ ର.ଅଙ୍କ ଶାସନ କାଳରେ ହୋଇଥିଲା ।

ଯେତେବେଳେ ହଜ଼ରତ ସାଆଦ୍ ବିନ୍ ଅବାଦା, ମୁନଜ଼ର ବିନ୍ ଅମ୍ର ଏବଂ ଅବୁ ଦୁଜାନା ଇସଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ଏ ଦୁହେଁ ନିଜ ସଂପ୍ରଦାୟର ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ପକାଇଲେ । ମଦିନା ପ୍ରବାସ ସମୟରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ବନୁ ସାଆଦାର ଘରଗୁଡ଼ିକ ସମୀପରୁ ଅତିକ୍ରମ କଲେ ସେତେବେଳେ ସାଆଦ୍ ବିନ୍ ଅବାଦା ର.ଅ ଓ ହଜ଼ରତ ମୁନଜ଼ର୍ ବିନ୍ ଅମ୍ର ଏବଂ ଅବୁ ଦୁଜାନା କହିଲେ, ହେ ରସୁଲୁଲ୍ଲାଃ ! ଆପଣ ଆମ ଘରକୁ ସ୍ୱାଗତ କରନ୍ତୁ । କାରଣ ଆମ ପାଖରେ ସମ୍ମାନ, ପ୍ରତିଷ୍ଠା, ଯଶ, ଧନ, ଶକ୍ତି ଏବଂ ସାମର୍ଥ୍ୟ ରହିଛି । ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ! ମୋ ଜାତିରେ ଏପରି କେହି ବ୍ୟକ୍ତି ନାହିଁ ଯାହା ପାଖରେ ମୋ ଠାରୁ ଅଧିକ ଖଜୁରୀର  ଉଦ୍ୟାନ ଥିବ ଏବଂ ଆଧିକ କୂପ ଥିବ । ତତ୍ ସହିତ ଧନ୍ ସମ୍ପତ୍ତି, ଶକ୍ତି ଏବଂ ଆଧିପତ୍ୟ ମଧ୍ୟ ଥିବ । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ, ହେ ଅବୁ ସାବିତ୍ ! ସେହି ଓଟକୁ ବାଟ ଛାଡ଼ । କାରଣ ସେ ଈଶ୍ୱରଙ୍କ ନିକଟରୁ ନିଯୁକ୍ତ ଅଟେ, ସେ ସ୍ୱଇଚ୍ଛାରେ ଯିବ ।

ଆଁହଜ଼ରତ ସ.ଅ ହଜ଼ରତ ସାଆଦ୍ ଏବଂ ତଲିବ୍ ବିନ୍ ଉମୈର ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ଯିଏ ମକ୍କାରୁ ପ୍ରବାସ କରି ମଦିନା ଆସିଥିଲେ । କୁହାଯାଏ ଯେ, ଔସ ଏବଂ ଖଜ଼ରଜ୍ ସଂପ୍ରଦାୟରେ ଏପରି କୌଣସି ଗୃହ ନାହିଁ ଯହିଁରେ ଚାରିଜଣ ବ୍ୟକ୍ତି ନିରନ୍ତର ରୂପେ ଉଦାର ବ୍ୟକ୍ତି ରୂପେ ପରିଚିତ ହୋଇଛନ୍ତି । ଅର୍ଥାତ ୱଲିମ୍, ପୁନଶ୍ଚ ତାଙ୍କ ପୁତ୍ର ଅବାଦା, ପୁନଶ୍ଚ ତାଙ୍କ ପୁତ୍ର ସାଆଦ, ପୁନଶ୍ଚ ତାଙ୍କ ପୁତ୍ର କ୍ୱୈସ୍ ର.ଅ । ସୁତରାଂ ଯେତେବେଳେ ରସୁଲୁଲ୍ଲାଃ ମଦିନାକୁ ଗମନ କଲେ ସେତେବେଳେ ସାଆଦ୍ ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଦୈନିକ ଏକ ବଡ଼ ପାତ୍ର ପଠାଉଥିଲେ । ଯହିଁରେ ମାଂସ ଏବଂ ସୁରିଦ୍ ଅର୍ଥାତ୍ ରୁଟିର ଖଣ୍ଡମାନ ମାଂସ ବ୍ୟଞ୍ଜନରେ ମିଶ୍ରଣ କରି ପ୍ରସ୍ତୁତ ହୋଇଥିଲା। ତେବେ ସେ ବହୁଳ ମାତ୍ରାର ମାଂସ ବ୍ୟଞ୍ଜନ ହିଁ ପ୍ରେରଣ କରୁଥିଲେ । ସୁତରାଂ ସାଆଦ ର.ଅଙ୍କର ପାତ୍ର ରସୁଲୁଲ୍ଲାଃ ସ.ଅଙ୍କ ସମେତ ତାଙ୍କ ପବିତ୍ର ସ୍ତ୍ରୀ ମାନଙ୍କ ଘରେ ପ୍ରଦକ୍ଷିଣ କରୁଥିଲା ବା ଘୁରି ବୁଲୁଥିଲା । ହଜ଼ରତ ଜ଼ୈଦ ର.ଅ କହନ୍ତି ଯ, ଆମେମାନେ ବନୁ ମାଲିକ ବିନ୍ ନଜ୍ଜାରଙ୍କ ଘରେ ରହୁଥିଲୁ, ଆମମାନଙ୍କ ମଧ୍ୟରୁ  ତିନି ଜଣ କିମ୍ବା ଚାରି ଜଣ ଲେଖାଏଁ ବ୍ୟକ୍ତି ପ୍ରତ୍ୟେକ ରାତ୍ରରେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ପାଳି କରି ଭୋଜନ ନେଇ ଉପସ୍ଥିତ ହେଉଥିଲୁ ।

ଏପର୍ଯ୍ୟନ୍ତକି ରସୁଲୁଲ୍ଲାଃ ସ.ଅ ୭ ମାସ ପର୍ଯ୍ୟନ୍ତ ଅୟୁବ ଅନସାରୀ ର.ଅଙ୍କ ଘରେ ନିବାସ ଗ୍ରହଣ କରିଥିଲେ । ଏହି ଦିନମାନଙ୍କରେ ହଜ଼ରତ ସାଆଦ୍ ବିନ୍ ଉବାଦା ଏବଂ ହଜ଼ରତ ଅସଦ୍ ବିନ୍ ଜ଼ରାରାଙ୍କ ପାତ୍ର ପ୍ରତ୍ୟେକ ଦିନ ହୁଜ଼ୁର ସ.ଅଙ୍କ ସେବାକୁ ଆସୁଥିଲା ଏବଂ ତହିଁରେ କେବେବି ଅନୁପସ୍ଥିତି ଅର୍ଥାତ ବିଳମ୍ବ ପରିଲକ୍ଷିତ ହେଉନଥିଲା । ହଜ଼ରତ ଜ଼ୈଦ କହନ୍ତି ଯେ, ହଜ଼ରତ ଅୟୁବ ମୋତେ କହିଲେ ଯେ, ଗୋଟିଏ ରାତିରେ ହଜ଼ରତ ସାଆଦ ବିନ୍ ଉବାଦା ଆଁହଜ଼ରତ ସ.ଅଙ୍କ ସେବାରେ ଏକ ପାତ୍ର ପ୍ରେରଣ କଲେ, ଯହିଁରେ ତୁଫୈଶଲ୍ ଥିଲା । ଏହା ଝୋଳର ଏକ କିସମ ଅଟେ । ହୁଜ଼ୁର ସ.ଅ ତାହାକୁ ପେଟ ପୁରୀ ପାନ କଲେ । ଏହା ବ୍ୟତୀତ ଅର୍ଥାତ୍ ପୂର୍ବରୁ ସେ ହୁଜ଼ୁର ସ.ଅଙ୍କୁ କେବେ ହେଲେ ଏପରି ପେଟ ପୁରି ପାନ କରୁଥିବାର ଦେଖି ନଥିଲେ । ପୁନଶ୍ଚ ଆମେମାନେ ମଧ୍ଯ ଆଁହଜ଼ରତ ସ.ଅଙ୍କ ନିମନ୍ତେ ଏହି ପ୍ରକାରର ଝୋଳ ପ୍ରସ୍ତୁତ କରୁଥିଲୁ ।

ହଜ଼ରତ ଅନସ୍ ର.ଅଙ୍କ ଦ୍ଵାରା ବର୍ଣ୍ଣନା କରାଯାଏ ଯେ, ଏକଦା ନବୀ କରୀମ ସ.ଅ ହଜ଼ରତ ସାଆଦ ବିନ୍ ଅବାଦା ର.ଅଙ୍କ ଦ୍ଵାରରେ ପହଞ୍ଚି ଅସ୍ ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବରକାତୁହୁ କହିଲେ । ହଜ଼ରତ ସାଆଦ ର.ଅ କ୍ଷୀଣ ସ୍ଵରରେ କହିଲେ ୱା ଅଲୈକୁମୁସ୍ ସଲାମୁ ୱ ରହମତୁଲ୍ଲାଃହି ୱ ବରକାତୁହୁ । ଯାହାକି ନବୀ କରୀମ ସ.ଅଙ୍କୁ ଶୁଭିଲା ନାହିଁ । ଏପର୍ଯ୍ୟନ୍ତ କି ନବୀ କରୀମ ସ.ଅ ତିନି ଥର ସଲାମ୍ କଲେ ଏବଂ ସାଆଦ୍ ର.ଅ ସେହିପରି ତିନି ଥର ଉତ୍ତର ଦେଲେ । ଯାହାକି ନବୀ କରୀମ ସ.ଅଙ୍କୁ ଶୁଭିଲା ନାହିଁ । ସୁତରାଂ ନବୀ କରୀମ ସ.ଅ ଫେରିଗଲେ । ହଜ଼ରତ ସାଆଦ ର.ଅ ଆଁହଜ଼ରତ ସ.ଅଙ୍କ ପଛରେ ଗଲେ ଏବଂ କହିଲେ ଯେ, ହେ ରସୁଲୁଲ୍ଲାଃ ! ସ.ଅ ମୋର ମାତା ପିତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଆପଣ ଯେତେଥର ସଲାମ କଲେ ମୁଁ ଶୁଣିଲି ଏବଂ ତାହାର ଉତ୍ତର ମଧ୍ଯ ଦେଲି କିନ୍ତୁ ତାହା ଆପଣଙ୍କୁ ଶୁଭି ନାହିଁ । ମୁଁ ଚାହୁଁଥିଲି ଯେ, ଆପଣଙ୍କର ଶାନ୍ତି ଏବଂ ବରକତର ଦୁଆ ଅଧିକରୁ ଅଧିକ  ପରିମାଣରେ ପ୍ରାପ୍ତ କରିବାରେ ସାଉଁଟି ନେବି । ସୁତରାଂ ସେ ଆଁହଜ଼ରତ ସ.ଅଙ୍କୁ ନିଜ ଘରକୁ ନେଇଗଲେ ଏବଂ ଖାଇବାକୁ କିଶମିଶ୍ ଉପସ୍ଥାପନ କଲେ । ନବୀ କରୀମ ସ.ଅ ତାହାକୁ ସେବନ କରିବା ପରେ ସାଆଦ ର.ଅଙ୍କ ସପକ୍ଷରେ ପ୍ରାର୍ଥନ କରି କହିଲେ ଯେ, ତୁମ ଦ୍ଵାରା ପ୍ରସ୍ତୁତ ହୋଇଥିବା ଭୋଜନ ସର୍ବଦା ପୁଣ୍ୟବାନ ବ୍ୟକ୍ତିମାନେ ହିଁ ଖାଆନ୍ତୁ ଏବଂ ତୁମ ଉପରେ ଈଶ୍ଵର ଦୂତମାନଙ୍କର କୃପା ବୃଷ୍ଟି ଅବତୀର୍ଣ୍ଣ ହେଉଥାଉ ଏବଂ ବ୍ରତ ପାଳନକାରୀମାନେ ତୁମ ଘରେ ହିଁ ନିଜର ବ୍ରତ ଖୋଲନ୍ତୁ ।

ବିଦ୍ଵାନ ଇବନେ ସିଁରି ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ସଫାବାସୀମାନେ ସନ୍ଧ୍ୟା ଯାପନ କରୁଥିଲେ ସେତେବେଳେ ସେମାନେ ଖାଦ୍ୟ ଖୁଆଇବା ନିମନ୍ତେ ଏମାନଙ୍କ ମଧ୍ଯରୁ କୌଣସି ଗୋଟିଏ ଲୋକକୁ କିମ୍ବା ଦୁଇ ଜଣଙ୍କୁ ନିଜ ସାଙ୍ଗରେ ନେଇ ଯାଉଥିଲେ । ହଜ଼ରତ ସାଆଦ ବିନ୍ ଉବାଦା ର.ଅ ମଧ୍ଯ ସଫାବାସୀଙ୍କ ମଧ୍ଯରୁ ୮୦ ଜଣ ବ୍ୟକ୍ତିଙ୍କୁ ଭୋଜନ କରାଇବା ପାଇଁ ନିଜ ସାଙ୍ଗରେ ନେଇ ଯାଉଥିଲେ ।

ଆଁହଜ଼ରତ ସ.ଅଙ୍କର ମଦିନା ଆଗମନ କରିବାର ଏକ ବର୍ଷ ପରେ ସିଫର ମାସରେ ଅବୱା ଯୁଦ୍ଧ ପାଇଁ ବାହାରିଥିଲେ । ଅବୱା ମଦିନା ଠାରୁ ମକ୍କାର ଜାତୀୟ ରାଜପଥ ନିକଟବର୍ତ୍ତୀ ଜୁହଫା ଠାରୁ ୨୩ ମାଇଲ ଦୂରରେ ଅବସ୍ଥିତ ଅଟେ । ଏହି ଠାରେ ହିଁ ଆଁହଜ଼ରତ ସ.ଅଙ୍କ ମାତା ହଜ଼ରତ ଆମେନାଙ୍କ କବର ଅବସ୍ଥିତ । ଇତ୍ୟବସରରେ ରସୁଲୁଲ୍ଲାଃ ସ.ଅ ମଦିନାରେ ହଜ଼ରତ ସାଆଦ ବିନ୍ ଅବାଦା ର.ଅଙ୍କୁ ନିଜର ଉତ୍ତରାଧିକାରୀ ବା ଅମୀର ରୂପେ ନିଯୁକ୍ତ କରିଥିଲେ । ଅବୱା ଯୁଦ୍ଧର ଅନ୍ୟ ନାମ ୱଦାନ ଯୁଦ୍ଧ ଭାବେ ମଧ୍ଯ ବର୍ଣ୍ଣନା କରାଯାଏ ।

ସିରତ୍ ଖାତମୁନ୍ ନବୀୟଇନରେ ହଜ଼ରତ ସାହାବଜ଼ାଦା ମିର୍ଜା ବଶୀର ଅହମଦ ସାହେବ ୱଦାନ ଯୁଦ୍ଧ ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ହଜ଼ରତ ସାଆଦ ବିନ୍ ଅବାଦା ର.ଅ ୱହୋଦ ଯୁଦ୍ଧ, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର ସ.ଅଙ୍କ ସହିତ ଶାମିଲ ଥିଲେ । ଏକ କିମ୍ବଦନ୍ତୀରେ ଏହା ମଧ୍ଯ ଉଲ୍ଲେଖ ରହିଛି ଯେ, ବଦର ଯୁଦ୍ଧ ଦିନ ଅନସାରମାନଙ୍କ ଧ୍ଵଜା ହଜ଼ରତ ସାଆଦ ବିନ୍ ଅବାଦା ର.ଅଙ୍କ ପାଖରେ ରହିଥିଲା ।

ବଦର୍ ଯୁଦ୍ଧ ବେଳେ ପ୍ରସ୍ଥାନ ସମୟରେ ହଜ଼ରତ ସାଆଦ ବିନ୍ ଅବାଦା ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆଁହଜ଼ରତ ସ.ଅଙ୍କୁ ଅଜ଼ବ୍ ନାମକ ଏକ ଖଡ଼ଗ ଉପହାର ସ୍ୱରୂପ ଦେଇଥିଲେ । ନବୀ କରୀମ ସ.ଅଙ୍କ ପାଖରେ ୭ଟି ସାଞ୍ଜୁ ବା ଲୌହ ପୋଷାକ ଥିଲା। ତନ୍ମଧ୍ୟରୁ ଗୋଟିଏ ସାଞ୍ଜୁ ବା ଲୌହ ପୋଷାକର ନାମ ଜ଼ାତୁଲ୍ ଫୁଜୁଲ୍ ଥିଲା । ଯାହାକୁ ହଜ଼ରତା ଉବାଦା ର.ଅ ରସୁଲ୍ କରୀମ ସ.ଅଙ୍କ ସେବାରେ ପ୍ରେରଣ କରିଥିଲେ । ଏହା ସେହି ଲୌହ ପୋଷାକ ଥିଲା ଯାହାକୁ ଆଁହଜ଼ରତ ସ.ଅ ଅବୁ ଶାମ୍ ନାମକ ଇହୁଦୀ  ବ୍ୟକ୍ତି ପାଖରୁ ୩୦ ସାଅ, **ଜଅ** ବଦଳରେ ଏକ ବର୍ଷ ଅବଧି ପାଇଁ ବନ୍ଧକ ସ୍ୱରୂପେ ରଖେଇଥିଲେ । ହଜ଼ରତ ଇବନେ ଅବ୍ବାସ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ନବୀ କରୀମ ସ.ଅଙ୍କ ଧ୍ୱଜା ହଜ଼ରତ ଅଲୀ ର.ଅଙ୍କ ପାଖରେ ରହୁଥିଲା ଏବଂ ଅନସାରମାନଙ୍କର ଧ୍ୱଜା ହଜ଼ରତ ସାଆଦ ବିନ୍ ଅବାଦା ର.ଅ ପାଖରେ ରହୁଥିଲା ଏବଂ ଯେତେବେଳେ ଘମାଷାନ ଯୁଦ୍ଧ ହେଉଥିଲା ସେତେବେଳେ ନବୀ କରୀମ ସ.ଅ ଅନସାରମାନଙ୍କ ଧ୍ୱଜା ତଳେ ବିରାଜିତ ହେଉଥିଲେ ବା ବିରାଜମାନ ରହୁଥିଲେ ।

ହଜ଼ରତ ଉସସାମା ବିନ୍ ଜ଼ୈଦ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲ କରୀମ ସ.ଅ ଏକ ଗଧ ଉପରେ ଆରୋହଣ ହୋଇ ହଜ଼ରତ ସାଆଦ ବିନ୍ ଅବାଦା ର.ଅଙ୍କ ରୋଗୀ ପରିଦର୍ଶନ ନିମନ୍ତେ ଯାଇଥିଲେ । ହୁଜୁର ସ.ଅ ଏଭଳି ଏକ ସଭା ପାଖରୁ ଅତିକ୍ରମ କଲେ ଯେଉଁ ସଭାରେ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ ନାମକ ଜଣେ ବ୍ୟକ୍ତି ଥିଲା ଯିଏ କି ଅଦ୍ୟପି ବା ବର୍ତ୍ତମାନ ସୁଦ୍ଧା ମୁସଲମାନ ହୋଇନଥିଲା । ହୁଜୁର ସ.ଅଙ୍କ ବାହନ କାରଣରୁ ଯେତେବେଳେ ଧୂଳି ଉଡ଼ିବାକୁ ଲାଗିଲା ସେତେବେଳେ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ ଚଦର ସାହାଯ୍ୟରେ ନିଜର ନାକକୁ ଘୋଡାଇ କହିବାକୁ ଲାଗିଲା ଯେ, ଆମ ପାଖରେ ଧୂଳି ଉଡ଼ାଅ ନାହିଁ । ରସୁଲ କରୀମ ସ.ଅ ସେମାନଙ୍କୁ ଅସ୍ ସଲାମୁ ଅଲୈକୁମ ୱ ରହମତୁଲ୍ଲାଃହି ୱ ବରକାତୁହୁ କହିଲେ ଏବଂ ଗଧ ଉପରୁ ଓହ୍ଲାଇଲେ । ହୁଜୁର ସ.ଅ ସେମାନଙ୍କୁ ଅଲ୍ଲାଃତାଲାଙ୍କ ନିକଟକୁ ଆମନ୍ତ୍ରିତ କଲେ ଏବଂ କୁରଆନ ପଢି ଶୁଣେଇଲେ । ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ କହିଲା ଯେ, ଆମରି ସଭାକୁ ଆସି ଆମକୁ ଆଉ କଷ୍ଟ ଦିଅ ନାହିଁ । ନିଜର ଲକ୍ଷ୍ୟ ସ୍ଥଳକୁ ଫେରିଯାଅ । ଯେ ତୁମ ପାଖକୁ ଆସିବ ତାକୁ ଯାଇ ଶୁଣାଅ । ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ମଧ୍ୟ ସେଠାରେ ବସିଥିଲେ । ଏହା ଶୁଣି ସେ କହିଲେ ଯେ, ନା ହେ ରସୁଲୁଲ୍ଲାଃ ! ଆପଣ ଏହିପରି ସଭାରେ ହିଁ ଆସି ଆମକୁ କୁରଆନ ପଢି ଶୁଣାନ୍ତୁ । ଉକ୍ତ କଥାକୁ କେନ୍ଦ୍ର କରି ମୁସଲମାନ ମୂର୍ତ୍ତି ପୂଜକ ଏବଂ ଇହୁଦୀମାନେ ପରସ୍ପର ପ୍ରତି ବ୍ୟଙ୍ଗ ବିଦ୍ରୂପ କଲେ । ସେମାନେ ପରସ୍ପର ଉପରେ ଆକ୍ରମଣ କରିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହଥିଲା । କିନ୍ତୁ ନବୀ କରୀମ ସ.ଅ ସେମାନଙ୍କ ଭିତରେ ରହିଥିବା ଯୁଦ୍ଧପୂର୍ଣ୍ଣ ମନୋଭାବକୁ ଅବଦମିତ କରିଦେଇଥିଲେ । ପୁନଶ୍ଚ ହୁଜୁର ସ.ଅ ସାଆଦ ବିନ୍ ଅବାଦା ର.ଅଙ୍କ ପାଖକୁ ଆସିଲେ ଏବଂ ତାଙ୍କୁ ସଂପୂର୍ଣ୍ଣ କଥା ସଂପର୍କରେ ଅବଗତ କରାଇଲେ । ହଜ଼ରତ ସାଆଦ ବିନ୍ ଉବାଦା ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ! ଆପଣ ତାକୁ କ୍ଷମା କରି ଦିଅନ୍ତୁ ଏବଂ ତା କଥା ଉପରେ ଆଦୌଁ ଗୁରୁତ୍ୱ ଦିଅନ୍ତୁ ନାହିଁ । ଏହି ବସ୍ତୀ ବାସିନ୍ଦାମାନେ ତ' ଏହା ନିଷ୍ପତ୍ତି ନେଇଥିଲେ ଯେ, ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲକୁ ନିଜର ଅଧିପତି ବନେଇବେ କିନ୍ତୁ ଯେତେବେଳେ ଅଲ୍ଲାଃତାଲା ଉକ୍ତ କଥାକୁ ଅଗ୍ରାହ୍ୟ କରିଦେଲେ ସେତେବେଳେ ସେ ସ୍ୱୟଂ ଈର୍ଷାର ଦାବାନଳରେ ଭସ୍ମୀଭୂତ ହୋଇଗଲା । ଏହି କାରଣରୁ ସେ ଏପରି ଜଘନ୍ୟ ଅପରାଧ କରିଛି ଯାହାକି ଆପଣ ସ.ଅ ଦେଖିଛନ୍ତି । ଏହା ଶୁଣି ଆଁହଜ଼ରତ ସ.ଅ ତାକୁ ଅଣଦେଖା କଲେ ଏବଂ ହୁଜୁର ସ.ଅ ଏବଂ ହୁଜୁର ସ.ଅଙ୍କର ସହଚରମାନେ ମୂର୍ତ୍ତି ପୂଜକ ଏବଂ ପୁସ୍ତକଧାରୀ ଧର୍ମାବଲମ୍ବୀମାନଙ୍କ ସହିତ ସର୍ବଦା ଅଣଦେଖା ବା କ୍ଷମାମୂଳକ ନୀତି ଅବଲମ୍ବନ କରୁଥିଲେ ଏବଂ ତାଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ପୀଡ଼ା, ଦୁଃଖ ଯନ୍ତ୍ରଣାର ବିପରୀତରେ ଧୈର୍ଯ୍ୟ ପ୍ରଦର୍ଶନ କରୁଥିଲେ ।

ବଦର ଯୁଦ୍ଧ ଅବସରରେ ଯେତେବେଳେ ନବୀ କରୀମ ସ.ଅ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ସେତେବେଳେ ହଜ଼ରତ ସାଆଦ ବିନ୍ ଅବାଦା ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆପଣ ଆମମାନଙ୍କ ଠାରୁ

ପରାମର୍ଶ ଲୋଡୁଛନ୍ତି, ଆମେ ସେହି ଅଲୌକିକ ଈଶ୍ୱରଙ୍କ ଅସ୍ତିତ୍ୱର ଶପଥ କରି କହୁଛୁ ଯାହାଙ୍କ ହସ୍ତ ବଳୟ ମଧ୍ୟରେ ମୋର ପ୍ରାଣ ବାୟୁ ରହିଛି ଯଦି ଆପଣ ଆମମାନଙ୍କୁ ସମୁଦ୍ର ବକ୍ଷରେ ଅଶ୍ୱ ନିକ୍ଷେପ କରିବାକୁ ଆଦେଶ ଦେବେ ତେବେ ଆମେମାନେ ନିଶ୍ଚୟ ନିଜର ଅଶ୍ୱମାନଙ୍କୁ ସମୁଦ୍ରରେ ଫିଙ୍ଗି ଦେବୁ । ବର୍ଣ୍ଣନାକାରୀ କହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କୁ ଡ଼ାକିଲେ ଏବଂ ସେମାନେ ଚାଲିବାକୁ ଲାଗିଲେ ଏପରିକି ସେମାନେ ବଦର୍ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହେଲେ । ହଜ଼ରତ ଅନସ୍ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ବଦର ଯୁଦ୍ଧ ଅବସରରେ ହୁଜ୍ଜୁର ସ.ଅ ଶତ୍ରୁମାନଙ୍କର ନାମ ନେଇ ନେଇ କହିଲେ ଯେ, ଅମୁକ ଶତ୍ରୁ ଏଠାରେ ପତିତ ହେବ ଏବଂ ଅମୁକ ଶତ୍ରୁ ସେଠାରେ ପତିତ ହେବ । ହୁଜ୍ଜୁର ସ.ଅ ନିଜର ହସ୍ତକୁ ଭୂମି ଉପରେ ରଖୁଥିଲେ ଏବଂ କହୁଥିଲେ ଯେ, ଶତ୍ରୁ ଏଠାରେ ନିହତ ହେବ, ଶତ୍ରୁ ସେଠାରେ ନିହତ ହେବ । ବର୍ଣ୍ଣନାକାରୀ କହନ୍ତି ଯେ, ଆଁହଜ଼ରତ ସ.ଅ ଯେଉଁଭଳି କହିଥିଲେ ଯେ, ଶତ୍ରୁ ଏଠି ପଡ଼ି ନିହତ ହେବ ସେଠି ପଡ଼ି ନିହତ ହେବ ଠିକ୍ ସେହିପରି ହିଁ ଶତ୍ରୁମାନେ ନିହତ ହୋଇଥିଲେ ଏବଂ ନିଜ ସ୍ଥାନରୁ ଟିକିଏ ହେଲେ ବି ବିଚ୍ୟୁତ ହୋଇନଥିଲେ ।

ହୁଜ୍ଜୁର ଅନୱର ଅ.ବ କହିଲେ : ଓହୋଦ ଯୁଦ୍ଧ ପୂର୍ବରୁ ଗୋଟିଏ ଜୁମ୍ମା ଦିନର ସନ୍ଧ୍ୟା ସମୟରେ ହଜ଼ରତ ସାଆଦ ବିନ୍ ମୁଆଜ଼, ହଜ଼ରତ ଉସୈଦ ବିନ୍ ହୁଜ୍ରୈର ଏବଂ ହଜ଼ରତ ସାଆଦ ବିନ୍ ଉବାଦା ମସଜିଦେ ନବୱୀ ଠାରେ ଅସ୍ତ୍ର ଧାରଣ କରି ରସୁଲୁଲ୍ଲାଃ ସ.ଅଙ୍କ ଦୁଆର ସମ୍ମୁଖରେ ସକାଳ ପର୍ଯ୍ୟନ୍ତ ସୁରକ୍ଷା ଦାୟିତ୍ୱରେ ଜଗି ରହିଥିଲେ । ଯେତେବେଳେ ଆଁହଜ଼ରତ ସ.ଅ ଓହୋଦ ଯୁଦ୍ଧ ପାଇଁ ମଦିନାରୁ ବାହାରିବାକୁ ଲାଗିଲେ ସେତେବେଳେ ହଜ଼ରତ ସାଆଦ ବିନ୍ ମୁଆଜ଼ ଏବଂ ହଜ଼ରତ ସାଆଦ ବିନ୍ ଉବାଦା ର.ଅ ଆଁହଜ଼ରତ ସ.ଅଙ୍କ ଆଗେ ଆଗେ ଦଉଡ଼ିବାକୁ ଲାଗିଲେ । ଓହୋଦ ଯୁଦ୍ଧ ଅବସରରେ ଯେଉଁ ସାହାବାମାନେ ଆଁହଜ଼ରତ ସ.ଅଙ୍କ ସହିତ ଯୁଦ୍ଧ ଭୂମିରେ ଅଟଳ ଭାବେ ଦଣ୍ଡାୟମାନ ଥିଲେ ତନ୍ମଧ୍ୟରୁ ହଜ଼ରତ ସାଆଦ ବିନ୍ ଅବାଦା ର.ଅ ମଧ୍ୟ ଅନ୍ୟତମ ଥିଲେ । ଯେତେବେଳେ ହୁଜ୍ଜୁର ସ.ଅ ଓହୋଦ ଯୁଦ୍ଧରୁ ମଦିନାରୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ନିଜ ଅଶ୍ୱରୁ ଓହ୍ଲାଇଲେ ସେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ସାଆଦ ବିନ୍ ମୁଆଜ଼ ଏବଂ ହଜ଼ରତ ସାଆଦ ବିନ୍ ଅବାଦା ର.ଅଙ୍କର ସାହାର ନେଇ ନିଜ ଗୃହରେ ପ୍ରବେଶ କରିଥିଲେ । ହଜ଼ରତ ଜାବିର ବିନ୍ ଅବଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ହମ୍ରଉଲ୍ ଅସଦ୍ ଯୁଦ୍ଧରେ ଆମମାନଙ୍କର ସାଧାରଣ ଆହାର ଖଜୁରୀ ଥିଲା। ଇତ୍ୟବସରରେ ହଜ଼ରତ ସାଆଦ ବିନ୍ ଅବାଦା ର.ଅ ୩୦ଟି ଓଟ ଏବଂ ଖଜୁରୀ ପ୍ରସ୍ତୁତ କରିଥିଲେ । ଯାହାକି ହମ୍ରଉଲ୍ ଅସଦ୍ ସ୍ଥାନ ପର୍ଯ୍ୟନ୍ତ ଆମ ପାଇଁ ଯଥେଷ୍ଟ ହୋଇଥିଲା ।

ବନୁ ନୁଜ୍ରୈର ଯୁଦ୍ଧ ରବିଉଲ୍ ମାସ ୪ ହିଜରୀରେ ଘଟିଥିଲା । ନବୀ କରୀମ ସ.ଅ ୧୫ ଦିନ ପର୍ଯ୍ୟନ୍ତ ଈହୁଦୀମାନଙ୍କ ସଂପ୍ରଦାୟର ବନୁ ନୁଜ୍ରୈର ଦୁର୍ଗଗୁଡ଼ିକୁ ଘେରାଉ କରିଥିଲେ । ଇତ୍ୟବସରରେ ଯେତେବେଳେ ମାଲେ ଗନିମତ୍ ଅର୍ଥାତ ଯୁଦ୍ଧରୁ ମୂଲ୍ୟବାନ ଧନ ରତ୍ନ ପ୍ରାପ୍ତ ହେଲା ସେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ସାବିତ ବିନ୍ କୈସଙ୍କୁ ଡ଼ାକି କହିଲେ ଯେ, ମୋ ପାଖକୁ ନିଜ ଜାତିର ଲୋକମାନଙ୍କୁ ଡ଼ାକ । ସୁତରାଂ ସେ ଓସ୍ ଏବଂ ଖଜ଼ରଜ ସଂପ୍ରଦାୟକୁ ଆଁହଜ଼ରତ ସ.ଅଙ୍କ ପାଖକୁ ଡ଼ାକିଲେ । ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କର ମହିମା ଏବଂ ପ୍ରଶଂସା ଗାନ କଲେ । ପୁନଶ୍ଚ ଆଁହଜ଼ରତ ସ.ଅ ଅନସାରମାନଙ୍କର ସେହି ଉପକାରଗୁଡ଼ିକ ସଂପର୍କରେ ଆଲୋଚନା କଲେ ଯାହା ସେମାନେ ପ୍ରବାସକାରୀଙ୍କ ଉପରେ କରିଥିଲେ । ପୁନଶ୍ଚ ହୁଜ୍ଜୁର ସ.ଅ କହିଲେ ଯେ, ଯଦି ତୁମେ ଚାହଁ ତେବେ ମୁଁ ବନୁ ନୁଜ୍ରୈର ଯୁଦ୍ଧରୁ ପ୍ରାପ୍ତ ଧନ ରତ୍ନ ତୁମମାନଙ୍କ ମଧ୍ୟରେ ଏବଂ ପ୍ରବାସକାରୀଙ୍କ ମଧ୍ୟରେ ସମାନୁପାତିକ ରୂପେ ବାଣ୍ଟି ଦେବି । ଏ ପରିପ୍ରେକ୍ଷୀରେ ପ୍ରବାସକାରୀମାନେ ପୂର୍ବପରି ତୁମମାନଙ୍କ ଘରେ ରହିବେ ଏବଂ ତୁମମାନଙ୍କ ଧନ ସମ୍ପତ୍ତିରେ ମଧ୍ୟ ସେମାନଙ୍କର ଅଧିକାର ରହିବ ଏବଂ ଯଦି ତୁମେ ଚାହୁଁଛ ତେବେ ଏହି ମାଲେ ଗନିମତକୁ ମୁଁ ପ୍ରବାସକାରୀଙ୍କ ମଧ୍ୟରେ ବାଣ୍ଟି ଦେବି । ଯଦ୍ୱାରା ସେମାନେ ତୁମ ଘରୁ ବାହାରିଯିବେ । ପ୍ରତ୍ୟୁତ୍ତରରେ ହଜ଼ରତ ସାଆଦ ବିନ୍ ଅବାଦା ର.ଅ ଏବଂ ହଜ଼ରତ ସାଆଦ ବିନ୍ ମୁଆଜ଼ ଉଭୟ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆପଣ ଏହି ଧନରତ୍ନଗୁଡ଼ିକୁ ପ୍ରବାସକାରୀଙ୍କ

ମଧ୍ୟରେ ବାଣ୍ଟି ଦିଅନ୍ତୁ ଏବଂ ସେମାନେ ଆମ ଘରେ ସେହିପରି ରହିବେ ଯେପରି ପୂର୍ବେ ରହୁଥିଲେ ଏବଂ ଅନସାରମାନେ ଉଚ୍ଚ ସ୍ୱରରେ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆମେ ଆପଣଙ୍କ କଥାରେ ଏକମତ ଅଟୁ ଏବଂ ଆମେମାନେ ଆପଣଙ୍କ ଆଗରେ ନତ ମସ୍ତକ ହେଉଛୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ପ୍ରଭୁ ! ଅନସାର ଏବଂ ଅନସାରଙ୍କ ସନ୍ତାନମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କର ।

ହଜ଼ରତ ସାଆଦ ର.ଅଙ୍କ ମାତାଶ୍ରୀ ହଜ଼ରତ ହମରାହ୍ ବିନତ୍ ମସଉଦଙ୍କର ବିୟୋଗ ଏଭଳି ସମୟରେ ହୋଇଥିଲା ଯେତେବେଳେ ରସୁଲୁଲ୍ଲାଃ ଦୌମତୁଲ୍ ଜୁନ୍ଦଲ୍ ଯୁଦ୍ଧ ଅଭିମୂଖେ ଗମନ କରିଥିଲେ । ଏହି ଯୁଦ୍ଧ ରବିଉଲ୍ ମାସ ୫ ହିଜରୀରେ ଘଟିଥିଲା। ସେହି ଯୁଦ୍ଧରେ ହଜ଼ରତ ସାଆଦ ର.ଅ ଆଁହଜ଼ରତ ସ.ଅଙ୍କର ପଦାତିକ ବାହାନ ଚାଳକର ଭୂମିକା ଗ୍ରହଣ କରିଥିଲେ । ସାଆଦ ର.ଅ ଆଁହଜ଼ରତ ସ.ଅଙ୍କୁ କହିଲେ ଯେ, ମୋ ମାତାଙ୍କର ବିୟୋଗ ହୋଇଯାଇଛି ଏବଂ ମୁଁ ଚାହୁଁଛି ଯେ, ଆପଣ ମୋ ମାତାଙ୍କର ନମାଜ଼େ ଯନାଜ଼ାଃ ପଢାନ୍ତୁ । ସୁତରାଂ ଯଦିଓ ତାଙ୍କ ମାତାଙ୍କ ବିୟୋଗକୁ ଏକ ମାସ ପୂରିଥିଲା ଏହା ସତ୍ତ୍ୱେ ଆଁହଜ଼ରତ ସ.ଅ ତାଙ୍କ ମାତାଙ୍କର ନମାଜ଼େ ଯନାଜ଼ାଃ ପଢେଇଥିଲେ । ହଜ଼ରତ ସଇଦ୍ ବିନ୍ ମୁସୈବ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ସାଆଦ ବିନ୍ ଉବାଦା ର.ଅ ନବୀ କରୀମ ସ.ଅ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ମୋ ମାତାଶ୍ରୀ କୌଣସି ଇଚ୍ଛାପତ୍ର କରିନଥିଲେ ତେଣୁ ମୁଁ ତାଙ୍କ ତରଫରୁ ଯଦି ଦାନଦକ୍ଷିଣା ଦିଏ ତେବେ ତାହା ତାଙ୍କ ପାଇଁ କ'ଣ ଲାଭ ପ୍ରମାଣିତ ହେବ ଅର୍ଥାତ୍ ତାଙ୍କୁ ଏହାର ଉପକାର ମିଳି ପାରିବ କି ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ ଯେ, ହଁ । ସାଆଦ ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ଆପଣଙ୍କ ଦୃଷ୍ଟିରେ ଏମିତି କେଉଁ ଦାନଦକ୍ଷିଣା ରହିଛି ଯାହାକି ଆପଣଙ୍କୁ ପ୍ରିୟ ବୋଲି ମନେ ହେଉଛି । ହୁଜୁର ସ.ଅ କହିଲେ ତୁମେ ଜଳ ପାନ କରାଅ । ପ୍ରତ୍ୟୁତ୍ତରରେ ହଜ଼ରତ ସାଆଦ ର.ଅ ଏକ କୂପ ଖନନ କଲେ ଏବଂ କହିଲେ ଯେ, ଏହି କୂପଟି ମୋ ମାତାଶ୍ରୀଙ୍କ ସ୍ମୃତିରେ ଖନନ ହୋଇଛି (ବା ମାତାଙ୍କ ନାମରେ ଉତ୍ସର୍ଗ କରୁଛି) ।

ଅବୁ ତୈୟବ ଶମଶୁଲ୍ ହକ୍ ଅଜ଼ିମାବାଦି ନାମକ ଜଣେ ବିଦ୍ୱାନ ବ୍ୟକ୍ତି ଅବୁ ଦାଉଦର ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି ଯେ, ଆଁହଜ଼ରତ ସ.ଅ ଏ ଯେଉଁ କହିଛନ୍ତି ଯେ, ସର୍ବୋତ୍ତମ ସଦକ୍ବା ଜଳପାନ କାର୍ଯ୍ୟ ଅଟେ । ଏହାର କାରଣ ଏହା ଯେ, ସେହି କାଳରେ ପାଣି ସହଜରେ ଉପଲବ୍ଧ ନଥିଲା । ତେଣୁ ଆଁହଜ଼ରତ ସ.ଅ ଜଳର ଦାନଦକ୍ଷିଣାକୁ ଏଇଥିପାଇଁ ସର୍ବୋତ୍ତମ ବିବେଚିତ କରିଛନ୍ତି ଯେ, ଏହା ଧାର୍ମିକ ଏବଂ ସାଂସାରିକ କ୍ଷେତ୍ରରେ ସର୍ବାଧିକ ଲାଭଦାୟକ ଅଟେ । ବିଶେଷ କରି ସେହିଭଳି ଉଷ୍ମ ଦେଶଗୁଡ଼ିକରେ ଯେଉଁଠାରେ ପାନୀୟ ଜଳର ଘୋର ସମସ୍ୟା ଦେଖା ଦେଇଥାଏ । କାରଣ ମଦିନାରେ ଗ୍ରୀଷ୍ମର ପ୍ରଚଣ୍ଡତା ଯୋଗୁଁ ଏବଂ ସାର୍ବଜନୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ତା ସାଙ୍ଗକୁ ଜଳ ଖୁବ୍ କମ୍ ପରିମାଣରେ ଉପଲବ୍ଧ ହେବା ଯୋଗୁଁ ଜଳ ଅତ୍ୟନ୍ତ ମୂଲ୍ୟବାନ ବିବେଚିତ କରାଯାଉଥିଲା ଏବଂ ଜଳର ମୂଲ୍ୟ ତଥା ମହତ୍ୱକୁ ଆଜି ମଧ୍ୟ ମର୍ମେ ମର୍ମେ ହୃଦୟଙ୍ଗମ କରାଯାଇପାରିବ । ଏଥିପାଇଁ ସରକାର ମଧ୍ୟ ସର୍ବଦା କହୁଛି ଯେ, ଜଳ ସଂରକ୍ଷଣ କରନ୍ତୁ । ହଜ଼ରତ ଇବନେ ଅବ୍ବାସ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ସାଆଦ ବିନ୍ ଅବାଦା ର.ଅ ଆଁହଜ଼ରତ ସ.ଅଙ୍କୁ କହିଲେ ଯେ, ମୋ ମାତାଶ୍ରୀଙ୍କ ତରଫରୁ ମୋର ଦାନଦକ୍ଷିଣା କରିବା କ'ଣ ମୋ ମାତାଙ୍କୁ କୌଣସି ଲାଭ ଦେଇପାରିବ ? ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ ଯେ, ହଁ । ସାଆଦ ର.ଅ କହିଲେ ଯେ, ମୋର ମୁଖାରିଫ ନାମକ ଉଦ୍ୟାନ ମୋ ମାତାଙ୍କ ଉଦ୍ଦେଶ୍ୟରେ ମୁଁ ଦାନ ସ୍ୱରୂପ ଦେଉଛି । ହୁଜୁର ଅନଓ୍ୱର ଅ.ବ କହିଲେ ଯେ, ବର୍ତ୍ତମାନ ତାଙ୍କର ଚର୍ଚ୍ଚା ଜାରି ରହିଛି ଇନଶାଅଲ୍ଲାଃ ଆଗାମୀ ଖୁତବାରେ ମଧ୍ୟ ମୁଁ ତାଙ୍କ ସଂପର୍କରେ ବର୍ଣ୍ଣନା କରିବି ।

.......................................

**KHULASA KHUTBA JUMA HUZOOR ANWAR a.b.a**
**27th DEC 2019**

..................